# କୃଷି ସୂଚନା ସେବା (ଧାନ)

# କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

## ୨୦୧୪ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

### ବୁଣାଧାନ :

- ବର୍ଷାଶ୍ରିତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ ଏବଂ ୨,୪-D ସୋଡିୟମ୍ ଲୁଣ ୮୦ ଡବ୍ଲ୍ୟୁ.ପି. @ ୧.୨୫ କି.ଗ୍ରା./ହେକ୍ଟର ହିସାବରେ ଧାଡି ବୁଣା ସ୍ଥାନରେ ପ୍ରୟୋଗ କରି ଚଉଡା ପତ୍ର ବାଲୁଙ୍ଗା ଓ ଅନାବନା ଘାସକୁ ଦମନ କରନ୍ତୁ । ଯବକ୍ଷାରଜାନ ସାରର ଏକ ତୃତୀୟାଂଶ (୩୫ କି.ଗ୍ରା. ୟୁରିଆ/ହେକ୍ଟର) ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ଯେଉଁ ଜମିରେ ଫସଫରସ କିମ୍ବା ପଟାସ୍ ପଡିନାହିଁ ସେଥିରେ ହେକ୍ଟର ପ୍ରତି ୨୦ କି.ଗ୍ରା. ପଟାସ୍ ଏବଂ ୨୦ କି.ଗ୍ରା. ଫସଫରସ୍ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

- ବର୍ଷାଶ୍ରିତ ଉଚ୍ଚାଜମିରେ(୨-୩ ପତ୍ରବିଶିଷ୍ଟ ଘାସ) ଘାସ ଦମନପାଇଁ ବିହନ ବୁଣିବାର ୮ ରୁ ୧୦ ଦିନ ପରେ ବିସିପିରିବାକ୍ ସୋଡିୟମ୍ (Bisipyribac sodium) ୧୦SC @ ୩୦୦ ମି.ଲି./ ହେକ୍ଟର ୩୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଦ୍ୱିତୀୟଥର ଏବଂ ଶେଷଥର ଘାସ ବାଛିବା ପରେ ଏକ ତୃତୀୟାଂଶ ଯବକ୍ଷାରଜାନ (୨୯ କି.ଗ୍ରା. ୟୁରିଆ/ହେକ୍ଟର) ପିଲସାର ଭାବେ ପ୍ରୟୋଗ କରନ୍ତୁ ।

### ରୁଆଧାନ :

- ଉକୁଣିଆ ପୋକ ଦମନ ପାଇଁ ୧୦ ଲିଟର ପାଣିରେ ୩ ମି.ଲି. ହିସାବରେ ଥାୟୋମିଥୋକ୍ସାମ୍ ୨୫ WG ବ୍ୟବହାର କରନ୍ତୁ ।

- ଏହି ମାସର ପ୍ରଥମ ପକ୍ଷରେ ତଳିରୁଆ କାମ ସଂପୂର୍ଣ୍ଣ ହେବା ଦରକାର । ଏକ ତୃତୀୟାଂଶ ଯବକ୍ଷାରଜାନ ସାର (୩୫ କି.ଗ୍ରା. ୟୁରିଆ/ହେକ୍ଟର) ଏବଂ ସଂପୂର୍ଣ୍ଣ ମାତ୍ରାର ଫସଫରସ୍ ଓ ପଟାସ୍ (୧୧୦ କି.ଗ୍ରା. ଡି.ଏ.ପି ଓ ୮୫ କି.ଗ୍ରା. ଏମ୍.ଓ.ପି.) ମୂଳସାର ଭାବେ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ କରିବା ବେଳେ ଜମିରେ ପତଳା ଠିଆ ପାଣି ରହିବା ଆବଶ୍ୟକ ।

- ଧାନ ଗଛକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ୨୫-୩୦ ଦିନର ତଳିକୁ ଉପାଡି ସାରିବା ପରେ କ୍ଲୋରୋପାଇରିଫସ୍ ୨୦ EC ଦ୍ରବଣରେ(୧ମି.ଲି./ଲିଟର ପାଣି) ୧୨ ଘଣ୍ଟା ବୁଡାଇ ରଖନ୍ତୁ ।

- ପ୍ରତି ବୁଦାରେ ୨-୩ ଟି ହିସାବରେ ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ରୋଇଦିଅନ୍ତୁ । ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧-୨ ସେ.ମି. ଠିଆ ପାଣି ବିଲରେ ରଖନ୍ତୁ । ଅଧିକ ଦିନର ତଳି ଥିଲେ ୪-୫ ଟି ତଳି ବୁଦାପ୍ରତି ରୁଅନ୍ତୁ । ଜମି ଓଦାଳିଆ ଥିଲେ କିମ୍ବା ୨-୩ ସେ.ମି. ଠିଆ

ପାଣିଥିବା ବର୍ଷାଶ୍ରୀତ ରୁଆଧାନରେ ଧାନ ରୋଇବାର ୮ ରୁ ୧୦ ଦିନ ପରେ ବାଲୁଙ୍ଗା ଦମନ ପାଇଁ ବେନସଲଫ୍ୟୁରାନ୍ ମିଥାଇଲ୍ + ପ୍ରେଟିଲାକ୍ଲୋର(Ready-mix) ଦାନାଦାର (ଲୋଣ୍ଡାକ୍ସ ପାୱାର/ Erase Strong @ ୧୦ କି.ଗ୍ରା./ହେକ୍ଟର) ୩୦ କି.ଗ୍ରା. ବାଲି ସହିତ ମିଶାଇ ବ୍ୟବହାର କରନ୍ତୁ ।

❖ ଜଳସେଚିତ ଧାନ ରୁଆର ୧୫ ଦିନ ପରେ ଜମିରେ ୩-୪ ପତ୍ରବିଶିଷ୍ଟ ଘାସ ଦମନ ପାଇଁ ଆଜିମ୍ ସଲଫ୍ୟୁରାନ୍ ୫୦ DF @ ୭୦ ଗ୍ରା./ହେକ୍ଟର ୩୫୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ଘାସମରା ଔଷଧ ଭଲଭାବେ କାମ କରିବା ପାଇଁ ସେଥିରେ ୬୨୫ ମି.ଲି/ହେକ୍ଟର ହିସାବରେ ସରଫେକ୍ଟଣ୍ଟ୍ (surfectant) ମିଶାଇ ବ୍ୟବହାର କରନ୍ତୁ ।

❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ପ୍ରତିହେକ୍ଟର ପିଛା ୮ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ ଟି ହୋଇଯିବ, ରାଇନାକ୍ସିପାର୍ ୦.୪ ଜି ୧୦ କି.ଗ୍ରା ହେକ୍ଟର ପିଛା ବାଲି ସହ ସମାନ ପରିମାଣରେ ମିଶାଇ ପ୍ରୟୋଗ କରନ୍ତୁ ।

❖ ଏକ ତୃତୀୟାଂଶ ଯବକ୍ଷାରଜାନ ସାର(ଅଧିକ ଅମଳକ୍ଷମ ଧାନ କିସମ ପାଇଁ ୬୦ କି.ଗ୍ରା. ୟୁରିଆ ଏବଂ ଶଙ୍କର ଧାନ ପାଇଁ ୭୦ କି.ଗ୍ରା. ୟୁରିଆ) ଧାନରୁଆର ୨୦-୨୫ ଦିନ ପରେ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

*****